ପ୍ରମେୟ
THE PRAMEYA

22ND SEPT, 2019

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ଇସ୍ରୋ ଅଧ୍ୟକ୍ଷ ଶିବନ୍



ଭୁବନେଶ୍ୱର,୨୧।୯(ବ୍ୟୁରୋ): ଆଜି ସନ୍ଧ୍ୟାରେ ଇସ୍ରୋ (ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ)ର ଅଧ୍ୟକ୍ଷ ଡ. କେ ଶିବନ୍ ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିଛନ୍ତି। ଶ୍ରୀଜିଉ ଓ ମା' ପାର୍ବତୀଙ୍କୁ ପୂଜାର୍ଚ୍ଚନା କରି ଫେରିଛନ୍ତି। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଡ.ଶିବନ୍ ମନ୍ଦିର ସିଂହଦ୍ୱାର ସାମନାରେ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ବେହେରା, ମନ୍ଦିର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଚନ୍ଦ୍ରଯାନ ପାଇଁ ଘରେ ଘରେ ପରିଚିତ ଡ. ଶିବନଙ୍କୁ ଦେଖିବାକୁ ସେଠାରେ ଶହ ଶହ ଲୋକଙ୍କ ଗହଳି ହୋଇଥିଲା। ଡ. ଶିବନ ବେଢ଼ାରେ ବୁଲି ମନ୍ଦିର କାନ୍ଥରେ ଥିବା ଭାସ୍କର୍ଯ୍ୟ ଦେଖି ଅଭିଭୂତ ହୋଇ ପଡ଼ିଥିଲେ। ସେବାୟତ ମୁକ୍ତିକାନ୍ତ ବଡୁ, ପାଳିଆ ସେବାୟତ ରବିକାନ୍ତ ବଡୁ ଓ ରାଜକିଶୋର ମହାପାତ୍ର ସହାୟତାରେ ଶିବନଙ୍କ ଉଦ୍ଦେଶ୍ୟରେ ଶ୍ରୀଜିଉଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ମହାକାଶ ଗବେଷଣା କ୍ଷେତ୍ରରେ ଭାରତକୁ ବିଶ୍ୱରେ ୧ ନମ୍ବର କରିବାକୁ ଲୋକେ ଶିବନଙ୍କୁ ଅନୁରୋଧ କରିଥିଲେ। ମନ୍ଦିରର ଐତିହ୍ୟ, ପରିଷ୍କାର ପରିଚ୍ଛନ୍ନତା ଉପଲବ୍ଧି କରି ଶିବନ୍ ଆନନ୍ଦିତ ହୋଇଥିଲେ। ପ୍ରାୟ ୪୫ ମିନିଟ୍ ମନ୍ଦିର ପରିକ୍ରମା କରି ଶିବନ ଫେରିଥିଲେ।